## ସଂକ୍ଷେପରେ

### ୨୬୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଆଜି

**ପାଟଣା,୨୧।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକରେ ମଙ୍ଗଳବାର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ୨୬୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୮୨ ହଜାର ୪୬ ଭୋଟର। ବ୍ଲକରେ ୧୯ଟି ଉତ୍ତେଜନାପ୍ରବଣ ବୁଥ୍ ରହିଥିବା ବେଳେ ୯ଟି ଅତି ଉତ୍ତେଜନା ପ୍ରବଣ ବୁଥ୍ ଚିହ୍ନଟ କରାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରିଜାଇଡିଂ ଅଫିସର ଭାବେ ୧୬୫, ସେକ୍ଟର ଅଫିସର ୨୦ ଓ ବିଭିନ୍ନ କ୍ଷେତ୍ରରେ ୯୨ଜଣ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ପ୍ରତ୍ୟେକ ବୁଥ୍‌ରେ ସୁରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଛି।

### ଖବରଦାତାଙ୍କୁ ସୁରକ୍ଷା ଦାବି

**ଭଦ୍ରକ ଅଫିସ, ୨୧।୨:** ନିର୍ବାଚନ ସମୟରେ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣ ଘଟଣାରେ ଭଦ୍ରକର କାର୍ଯ୍ୟରତ ଖବରଦାତାମାନେ ପ୍ରତିବାଦ ଜଣାଇଛନ୍ତି। ସୋମବାର ସେମାନେ ଏସ୍‌ପି ଚରଣ ସିଂ ମୀନାଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ଆକ୍ରମଣ ଘଟଣା ଶୁଭଙ୍କର ନୁହେଁ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଚାନ୍ଦବାଲି ଅଞ୍ଚଳରେ ନିର୍ବାଚନ ଖବର ସଂଗ୍ରହ କରିବାକୁ ଯାଇଥିବା ମହିଳା ଖବରଦାତାଙ୍କ ଉପରେ ଆକ୍ରମଣ, ତିହିଡ଼ିରେ ଖବରଦାତାଙ୍କୁ ସ୍ଥାନ ଛାଡ଼ି ପଳାଇବାକୁ ଧମକ, ଯାଜପୁର ଓ ବାଲେଶ୍ୱରରେ ଖବରଦାତାଙ୍କୁ ଆକ୍ରମଣ ଭଳି ଘଟଣା ବାରମ୍ବାର ଘଟୁଛି। ଏଣୁ ଖବରଦାତାମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସେମାନେ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

### ସଂଘବଦ୍ଧ ଆକ୍ରମଣ, ଜଣେ ମୃତ

**ବଡ଼ବିଲ, ୨୧।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଠାକୁରାଣୀସ୍ଥିତ ସିରାଜୁଦ୍ଦିନ ହଟିଂରେ ରବିବାର ରାତିରେ ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ନାରଣ ପୂର୍ତ୍ତି (୨୫)। ହତ୍ୟା ଅଭିଯୋଗରେ ୩ ଭାଇଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ବଡ଼ବିଲ ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି। ମୃତ ନାରଣଙ୍କ ସ୍ତ୍ରୀ ମମତାଙ୍କ ଅଭିଯୋଗ ଅନୁଯାୟୀ, ରବିବାର ରାତିରେ କୌଣସି କାରଣକୁ ନେଇ ନାରଣ ସମ୍ପୃକ୍ତ ୩ ଭାଇଙ୍କ ଘର ପାଖକୁ ଯାଇଥିଲେ। ସେଠାରେ ପ୍ରଥମେ ବଚସା ପରେ ସେମାନଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ନାରଣଙ୍କ ମାଡ଼ରେ ଅପରପକ୍ଷର ଜଣେ ଆହତ ହୋଇଥିଲେ। ପରେ ତିନିଭାଇ ମିଶି ଛୁରୀ ଓ ଟାଙ୍ଗିଆରେ ନାରଣଙ୍କୁ ଆକ୍ରମଣ କରିବାରୁ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି। ତେବେ କେଉଁ କାରଣ ନେଇ ନାରଣ ଓ ଅଭିଯୁକ୍ତ ତିନିଭାଇଙ୍କ ମଧ୍ୟରେ ସଂଘର୍ଷ ଘଟିଲା ତାହା ସ୍ପଷ୍ଟ ହୋଇପାରି ନାହିଁ। ବଡ଼ବିଲ ଥାନାରେ ଏକ ମାମଲା (ନଂ.୩୩/୨୨) ରୁଜୁ ହୋଇଛି।

### ହୁଣ୍ଡିରୁ ମିଳିଲା ୬ ଲକ୍ଷ ୯୪ ହଜାର

**ବାରିପଦା ଅଫିସ, ୨୧।୨:** ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ସୁହାଗପୁର କଉଡିଖଣି ସ୍ଥିତ ମା' ହିଙ୍ଗୁଳାଙ୍କ ବଡ଼ପୂଜାରେ ୬ ଲକ୍ଷ ୯୪ ହଜାର ୮୨୮ ଟଙ୍କା ଭକ୍ତମାନେ ଦାନ କରିଛନ୍ତି। ବାର୍ଷିକ ବଡ଼ପୂଜା ପରଦିନ କମିଟି ପକ୍ଷରୁ ହୁଣ୍ଡିକୁ ଖୋଲାଯାଇଥିଲା। ଭକ୍ତଙ୍କ ଦାନ ଅର୍ଥ ମନ୍ଦିର ଉନ୍ନତି ଦିଗରେ ଲଗାଯିବ ବୋଲି କମିଟି ସଦସ୍ୟମାନେ ପ୍ରକାଶ କରିଛନ୍ତି।

# ରାଜନୈତିକ ହିଂସା: ଘର, ଗାଡ଼ି ଭଙ୍ଗାରୁଜା

## ଦୁଇ ପକ୍ଷରୁ ୨ ଆହତ

**ବାସୁଦେବପୁର,୨୧।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତ ଭାତପଡ଼ା ଗ୍ରାମରେ ରବିବାର ରାତିରେ ରାଜନୈତିକ ହିଂସା ଘଟିଛି। କଂଗ୍ରେସ ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ନେଇ ଉତ୍ତେଜନା ଦେଖାଦେଇଛି। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଦୁଇଜଣ ଆହତ ହୋଇଛନ୍ତି। ଆହତ ଦୁଇଜଣ ହେଲେ ଗୋଟିଏ ପକ୍ଷରୁ ପୂର୍ବତନ ସମିତିସଭ୍ୟ ତଥା ବରିଷ୍ଠ ବିଜେଡି ନେତା ଭଗବାନ ଚନ୍ଦ୍ର ନାୟକ ଓ ଅନ୍ୟ ପକ୍ଷର କଂଗ୍ରେସ ସମର୍ଥିତ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ପୁଅ ସତ୍ୟବ୍ରତ ଜେନା। ଆହତ ଭଗବାନଙ୍କୁ ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୂର୍ବତନ ସମିତିସଭ୍ୟ ତଥା କଂଗ୍ରେସ ନେତା ସୁରେନ୍ଦ୍ର ବିଶ୍ୱାଳଙ୍କ ବାଇକ୍ ଭଙ୍ଗାରୁଜା କରାଯାଇଛି। ସେହିପରି କଂଗ୍ରେସ ସମର୍ଥିତ ୱାର୍ଡସଭ୍ୟ ପ୍ରାର୍ଥୀ ପଦ୍ମଲୋଚନ ଜେନାଙ୍କ ଘରକୁ କେତେଜଣ ବ୍ୟକ୍ତି ଭାଙ୍ଗି ଦେଇଛନ୍ତି। ଏହି ରାଜନୈତିକ ହିଂସା ନେଇ ସୋମବାର ବାସୁଦେବପୁର ଥାନାରେ ୩ଟି ଅଭିଯୋଗ ହୋଇଛି।

ପୂର୍ବତନ ସମିତିସଭ୍ୟ ଭଗବାନ ଘରେ ଥିବାବେଳେ କେତେଜଣ କଂଗ୍ରେସ କର୍ମୀ, ସମର୍ଥକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଇଛନ୍ତି। ଅପରପକ୍ଷେ ୱାର୍ଡମେମ୍ବର ପ୍ରାର୍ଥୀ ପଦ୍ମଲୋଚନଙ୍କ ସ୍ତ୍ରୀ ମଞ୍ଜୁଲତା ଅଭିଯୋଗ କରିଛନ୍ତି ଯେ, ବିପକ୍ଷ ରାଜନୈତିକ ଦଳର ଶତାଧିକ କର୍ମୀ ଓ ସମର୍ଥକ ତାଙ୍କ ଘର, ଗାଡ଼ି ଭାଙ୍ଗି ଦେଇଛନ୍ତି। ଏଥିସହ ଘରେ ପଶି ଭଙ୍ଗାରୁଜା କରି ମୋବାଇଲ ଓ ଅନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ସେହିପରି କଂଗ୍ରେସର ପୂର୍ବତନ ସମିତିସଭ୍ୟ ସୁରେନ୍ଦ୍ର କେତେଜଣ ଯୁବକ ସଂଘବଦ୍ଧ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ବାଇକ୍ ଭାଙ୍ଗି ଦେଇଥିବା ଏବଂ ତାଙ୍କ ବାପା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମଣିଭଦ୍ର ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଖମ୍ବକୁ ଭାଙ୍ଗି ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ ଏନେଇ କୌଣସି ମାମଲା ରୁଜୁ କରାଯାଇ ନାହିଁ। ଘଟଣାର ତଦନ୍ତ ଚାଲିଥିବା ବାସୁଦେବପୁର ଥାନା ସବ୍ ଇନ୍ସପେକ୍ଟର ବିଶ୍ୱଜିତ ସିଂ କହିଛନ୍ତି।

## ଭୟରେ ଜଙ୍ଗଲରେ ଲୁଚିଲେ ଗ୍ରାମବାସୀ

### ଗୁରୁଡ଼ାରେ ୪ ଆହତ

**ଯୋଡା, (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକର ବାମେବାରୀ ଥାନା ବଳଦା ପଞ୍ଚାୟତ ଅନ୍ତର୍ଗତ ଗୁରୁଡ଼ାଠାରେ ରବିବାର ରାତିରେ ନିର୍ବାଚନୀ ହିଂସାକାଣ୍ଡ ଘଟି ୪ ଆହତ ହୋଇଛନ୍ତି। ଆହତ ମାନେ ହେଲେ ସେହି ଗ୍ରାମର ଅନାମୀ ପାତ୍ର, ସାଜନ ହାଇବୁରୁ, ଟିନୁ ଗୋପ ଓ ରାଜେନ ହାଇବୁରୁ। ଟିନୁ ଗୋପ ଓ ରାଜେନ ହାଇବୁରୁଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ପୂର୍ବତନ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ବଳଦା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ବରୁଣ ନାଏକ ଓ ତାଙ୍କ ସମର୍ଥକ ମାନଙ୍କୁ ରାତିରେ ବିରୋଧୀ ଗୋଷ୍ଠୀ ପକ୍ଷରୁ ଆକ୍ରମଣ କରାଯାଇଛି। ଏନେଇ ବରୁଣ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ସମର୍ଥନରେ ନିର୍ବାଚନ ଲଢୁଥିବା ସରପଞ୍ଚ ପ୍ରାର୍ଥୀ ରଣଜୀତ ନାଏକ ରବିବାର ରାତିରେ ୩୦ଟି ବୋଲେରୋରେ କେତେକ ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ଆଣି ଅତର୍କିତ ଭାବେ ପ୍ରଚାର ଗାଡି ଓ ସମର୍ଥକଙ୍କର ୧୦ ବାଇକ୍‌କୁ ଭଙ୍ଗାରୁଜା କରିବା ସହିତ ଘରେ ଘରେ ପଶି ମହିଳାଙ୍କୁ ମଧ୍ୟ ମାଡ ମାରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରିଥିଲେ ହେଁ ତାହା ସମ୍ଭବପର ହୋଇ ନ ଥିଲା। ଆକ୍ରମଣକାରୀଙ୍କ ଭୟରେ ଗ୍ରାମବାସୀ ନିକଟସ୍ଥ ଜଙ୍ଗଲରେ ଯାଇ ଲୁଚି ରହିଥିଲେ। ଆକ୍ରମଣରେ ଶିକାର ହୋଇଥିବା ଗ୍ରାମବାସୀ କହିଛନ୍ତି ଯେ, ସରପଞ୍ଚ ପ୍ରାର୍ଥୀ ହୋଇଥିବା ରଣଜୀତ ନାଏକ ତାଙ୍କ ସପକ୍ଷରେ ଭୋଟ ଦେବା ପାଇଁ ବାଧ କରୁଥିଲେ। ଅପରପକ୍ଷରେ ବିରୋଧୀ ସବୁବେଳେ ହିଂସା ପରାୟଣ ହୋଇପଡୁଛନ୍ତି ବୋଲି ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ କହିଛନ୍ତି। ଏନେଇ ବାମେବାରୀ ଆଇଆଇସି ମନୋରଞ୍ଜନ ବିଶିଙ୍କୁ ପଚାରିବାରୁ ଉକ୍ତ ହିଂସାକାଣ୍ଡ ଘଟିବା ପରେ ସମ୍ପୃକ୍ତ ଗାଁରେ ପୋଲିସ ମୁତୟନ କରାଯାଇଛି। ଅଭିଯୋଗ ଅନୁଯାୟୀ ତଦନ୍ତ କରାଯିବ। ସେହିପରି ଜଳହରୀ ପଞ୍ଚାୟତର ଖଣ୍ଡବନ୍ଧ ଠାରେ ମଧ ଟଙ୍କା ବଣ୍ଟା ସନ୍ଦେହରେ ଦୁଇଗୋଷ୍ଠୀର ପ୍ରାର୍ଥୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ପୋଲିସ କେତେକ ଲୋକଙ୍କୁ ଉଠାଇ ନେଇ ପଚରା ଉଚରା ଜାରି ରଖିଥିବା ଆଇଆଇସି ବିଶି କହିଛନ୍ତି।

## ସେକ୍ଟର ଅଫିସରଙ୍କୁ ଅଟକ ରଖିଲେ ଗାଁ ଲୋକେ

**ପଦ୍ମପୁର, ୨୧।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ଚାରବାଟିଆ ଗ୍ରାମରେ ଜଣେ ସେକ୍ଟର ଅଫିସରଙ୍କୁ ରବିବାର ରାତିରେ ଗାଁ ଲୋକେ ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ସିଆର୍‌ସିସି ରାଜେଶ କୁମାର ଦାସଙ୍କର ସେକ୍ଟର ଅଫିସର ଭାବେ ଶାଶୁଭୁଆଶୁଣୀ ପଞ୍ଚାୟତଠାରେ ନିର୍ବାଚନ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ସେ ନିର୍ବାଚନରେ ନିୟୋଜିତ ଗାଡ଼ି ନେଇ ନିଜ ଗାଁରେ ପହଞ୍ଚିଥିବା ନେଇ ଉତ୍ତେଜନା ଦେଖାଦେଇଥିଲା। ତାଙ୍କ ଭାଉଜ ଚଳିତ ନିର୍ବାଚନରେ ବାଲିମେଦ ପଞ୍ଚାୟତରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଦାସଙ୍କ ଉପସ୍ଥିତିକୁ ଗ୍ରାମବାସୀ ବିରୋଧ କରିଥିଲେ। ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇ ସେ ବାଧହୋଇ ଗାଡ଼ି ସହ ନିଜ ଘର ନିକଟରେ ଅଟକି ରହିଥିଲେ। ସୋମବାର ପୂର୍ବାହ୍ନରେ ବ୍ଲକ ପ୍ରଶାସନ ଓ ସ୍ଥାନୀୟ ପୋଲିସର ହସ୍ତକ୍ଷେପ ପରେ ଗ୍ରାମବାସୀ ଗାଡ଼ିକୁ ଛାଡ଼ିଥିଲେ। ଏନେଇ ଗ୍ରାମବାସୀ ବିଡିଓ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନିର୍ବାଚନ ଡ୍ୟୁଟିରେ ଥିବାବେଳେ ସରକାରୀ ଗାଡ଼ି ନେଇ କିପରି ଘରକୁ ଆସିଥିଲେ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ସେକ୍ଟର ଅଫିସର ଦାସଙ୍କୁ ପଚାରିବାରୁ ତାଙ୍କ ବାପା ଅସୁସ୍ଥ ଥିବାରୁ ସେ ରାତିରେ ଘରକୁ ଆସିବା ପାଇଁ ବାଧ ହେଲେ। ଉପରିସ୍ଥ ଅଧିକାରୀଙ୍କୁ ଏ ବାବଦରେ ସେ ଅବଗତ କରାଇଥିବା କହିଛନ୍ତି। ଏନେଇ ବିଡିଓ ସତ୍ୟଜିତ ରାଉତ ଘଟଣାର ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଦେବକୁଣ୍ଡରେ ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର ନେଇ ଉତ୍ତେଜନା



ବୁଢ଼ାମରା ଫାଟକ ନିକଟରେ ପର୍ଯ୍ୟଟକମାନେ ଗାଡ଼ି ରଖି ପ୍ରତିବାଦ କରୁଛନ୍ତି।

**ଉଦଳା, ୨୧।୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଦେବକୁଣ୍ଡ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କୁ ହଇରାଣ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ଦୁର୍ବ୍ୟବହାରର ଶିକାର ହେବାକୁ ପଡୁଛି। ଏଭଳି ଅଭିଯୋଗ ଆଣି ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦା ବୁଢ଼ାମରା ଗେଟ ନିକଟରେ ବିକ୍ଷୋଭ କରିବା ସହିତ ଫରେଷ୍ଟରଙ୍କ ବଦଳି ଦାବି କରିଛନ୍ତି। ସୋମବାର ବିଭିନ୍ନ ସ୍ଥାନରୁ ଆସିଥିବା ପର୍ଯ୍ୟଟକଙ୍କୁ ଉତ୍ୟକ୍ତ ଲୋକେ ଦେବକୁଣ୍ଡ ଭିତରକୁ ଛାଡି ନ ଥିଲେ। ଫଳରେ ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍ୟପକ୍ଷରେ ଫରେଷ୍ଟ କାର୍ଯ୍ୟାଳୟ ଗେଟରେ ମଧ ଉତ୍ୟକ୍ତ ଲୋକେ ତାଲା ପକାଇ ଦେଇଥିଲେ। ଏ ବିଷୟରେ ଫରେଷ୍ଟରଙ୍କର ପ୍ରତିକ୍ରିୟା ମିଳି ପାରି ନ ଥିବା ବେଳେ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ।

ବାରିପଦା ଅଞ୍ଚଳରୁ ଏକ ବୋଲେରୋରେ ପର୍ଯ୍ୟଟକମାନେ ମା' ଅମ୍ବିକାଙ୍କ ପୀଠ ଦେବକୁଣ୍ଡ ବୁଲିବାକୁ ଆସିଥିଲେ। ସେମାନେ ପାର୍କିଂରେ ଗାଡି ରଖି ବୁଲିବାକୁ ଯାଇଥିବା ବେଳେ ତାଙ୍କ ଗାଡିର ସମସ୍ତ ଚକାରୁ ପମ୍ପ ଖୋଲି ଦିଆଯିବା ସହିତ ଟାୟାରକୁ କାଟି ଦିଆଯାଇଥିଲା। ଏ ସମ୍ପର୍କରେ ଫରେଷ୍ଟରଙ୍କୁ ପଚାରିବାରୁ ସେ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦା ଗାଡିକୁ ଆଣି ବୁଢ଼ାମରା ଗେଟ ନିକଟରେ ରଖି ପ୍ରତିବାଦ କରିଥିଲେ।। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏଭଳି ଘଟଣା ପ୍ରଥମ ନୁହେଁ, ପୂର୍ବରୁ ମଧ୍ୟ ଅନେକ ଥର ପର୍ଯ୍ୟଟକ ଏହିଭଳି ହଇରାଣ ହୋଇଛନ୍ତି।

## ଆଜି ୭ ବ୍ଲକରେ ଭୋଟ

### ୨୪୩୧ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ବାରିପଦା ଅଫିସ, ୨୧।୨**

ମୟୂରଭଞ୍ଜ ଜିଲାର ୭ ବ୍ଲକରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ହେବ। ଯଶିପୁର ଓ ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଯଶିପୁର, ରରୁଆଁ, ଶୁକ୍ରୁଳି, ବହଳଦା, ଜାମଦା, ରାଇରଙ୍ଗପୁର ଓ ତିରିଂ ବ୍ଲକରେ ନିର୍ବାଚନ ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୧୪ ଜିଲା ପରିଷଦ ଆସନ ସମେତ ୮୩ ସରପଞ୍ଚ, ସମିତିସଭ୍ୟ ଏବଂ ୧୦୮୭ ୱାର୍ଡସଭ୍ୟ ଆସନ ପାଇଁ ଭୋଟଗ୍ରହଣ ହେବ। ଏହି ଆସନଗୁଡ଼ିକରେ ଯଥାକ୍ରମେ ୬୭, ୪୭୪, ୩୫୨ ଓ ୧୫୩୮ ମୋଟ ୨୪୩୧ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଥିବାବେଳେ ୩ ଲକ୍ଷ ୭୯ ହଜାର ୭୦୧ ଭୋଟର ମତଦାନ କରିବେ। ଏଥିପାଇଁ ୧୦୮୭ ବୁଥ୍ ଦାୟିତ୍ୱରେ ଥିବା ପୋଲିଂ ଅଧିକାରୀ ଓ କର୍ମଚାରୀ ଆବଶ୍ୟକ ସରଞ୍ଜାମ ସହ ପହଞ୍ଚିଛନ୍ତି। ୭ ବ୍ଲକରେ ମତଦାନ ସମୟର ୪୮ ଘଣ୍ଟା ପୂର୍ବରୁ ସମସ୍ତ ମଦ ଦୋକାନକୁ ବନ୍ଦ କରାଯାଇଛି। ଅବାଧ, ମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ପାଟ୍ରୋଲିଂ ଓ ସ୍କ୍ୱାଡ୍ ଗଠନ କରାଯାଇଛି।

## ଭୋଟ ଗଣତି ତାଲିମ ନେଲେ ଅଧିକାରୀ

**ଭଦ୍ରକ ଅଫିସ, ୨୧।୨**

ପ୍ରଥମଥର ପାଇଁ ଏଥର ପଞ୍ଚାୟତ ନିର୍ବାଚନରେ ବୁଥ୍‌ରେ ଭୋଟ ଗଣତି କରା ନ ଯାଇ ବ୍ଲକ କାର୍ଯ୍ୟାଳୟରେ ଗଣତି କେନ୍ଦ୍ରରେ ବ୍ୟବସ୍ଥା ଥିବାରୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୨୬, ୨୭ ଓ ୨୮ ତାରିଖରେ ଗଣତି ହେବ। ଏଥିପାଇଁ ଭଦ୍ରକ ବ୍ଲକସ୍ତରୀୟ ଗଣତି କାର୍ଯ୍ୟ ନିମିତ୍ତ ନିୟୋଜିତ ଅଧିକାରୀମାନଙ୍କ ନିମନ୍ତେ ଜିଲା ସଂସ୍କୃତି ଭବନରେ ସୋମବାର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ମନୋଜ କୁମାର ବେହେରା ଏଥିରେ ଅଧକ୍ଷତା କରିଥିଲେ। ଏବିଡିଓ ଗୁଲ ଫିର୍ଦ୍ଦୋସ୍, ମାଷ୍ଟର ଟ୍ରେନର ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ନିର୍ଭୁଲ ଓ ନିରପେକ୍ଷ ଭାବେ ଭୋଟ୍ ଗଣତି ନେଇ ବିଡିଓ ବେହେରା ଉପସ୍ଥିତ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସଚେତନ କରିବା ସହ ପ୍ରକ୍ରିୟା ସମ୍ବଳିତ ସମସ୍ତ ବିଷୟବସ୍ତୁକୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ସଦର ବ୍ଲକ ପାଇଁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଥିବା କେନ୍ଦ୍ରରେ ଭୋଟ୍ ଗଣନା କରାଯିବ। ଜୋନ୍‌ୱାରୀ ହେବାକୁ ଥିବାବେଳେ ସକାଳ ୮ଟାରୁ ଆରମ୍ଭ ହୋଇ ଗୋଟିଏ ଜୋନ୍‌ର ଗଣନା ଶେଷ ହେବା ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରତି ଟେବୁଲ ପାଇଁ ଜଣେ ଲେଖାଏ କାଉଣ୍ଟିଂ ସୁପରଭାଇଜର ଓ ଦୁଇଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ ରହିବେ। ଏଭଳି ଗଣତି ଓ ଖାରଜ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପରେ ଆଲୋଚନା କରାଯାଇଥିଲା।

## ରିଗିଂ ଅଭିଯୋଗ ଭିତ୍ତିହୀନ: ବିଜେଡି

**ଭଦ୍ରକ ଅଫିସ, ୨୧।୨**

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ରବିବାର ନିର୍ବାଚନ ବେଳେ ଫତେପୁର ପଞ୍ଚାୟତ ବଡ଼ଗାଲ ବୁଥ୍‌ରେ ଜଣେ ମହିଳା ଏକାଧିକ ଭୋଟ୍ ଦେଇଛନ୍ତି। ଏପରିକି ସେ ଜଣେ ନିର୍ବାଚିତ ଜିଲା ପରିଷଦ ସଭ୍ୟ ବୋଲି ଭାଜପା ଅଭିଯୋଗ କରିଥିଲା। ମହିଳା ଜଣଙ୍କ ବିଜେଡି ସପକ୍ଷରେ ଭୋଟ ଦେଇଥିବା ଅଭିଯୋଗ କରିଛି ଭାଜପା। ଉକ୍ତ ବୁଥ୍‌ରେ ସାନି ମତଦାନ ଲାଗି ଭାଜପା ପକ୍ଷରୁ ଦାବି କରାଯାଇଛି। ଅନ୍ୟପକ୍ଷେ ସୋମବାର ବଡ଼ଗାଲ ଗାଁରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପାର ଏଭଳି ରିଗିଂ ଅଭିଯୋଗ ଭିତ୍ତିହୀନ ଏବଂ ପ୍ରଶାସନର ହସ୍ତକ୍ଷେପ ପରେ ଶାନ୍ତିଶୃଙ୍ଖଳାରେ ମତଦାନ ହୋଇଥିବା ବିଜେଡି ପକ୍ଷରୁ କୁହାଯାଇଛି। ମତଦାନ କେନ୍ଦ୍ରରେ ଉକ୍ତ ଜିଲା ପରିଷଦ ସଭ୍ୟା ଭୋଟ ଦେଇ ସାରିବା ପରେ ପଡ଼ୋଶୀ ଜଣେ ୮୮ ବର୍ଷୀୟା ବୃଦ୍ଧାଙ୍କ ଅନୁରୋଧ ଓ ପ୍ରିଜାଇଡିଂ ଅଫିସରଙ୍କ ଅନୁମତି କ୍ରମେ ସେ ତାଙ୍କ ପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଭାଜପା ଏକ ରାଜନୈତିକ କନ୍ଦଳ କରିବାକୁ ଯାଉଥିବାର ପ୍ରମାଣ ଦେଉଛି ବୋଲି କହିଛି ବିଜେଡି। ଏ ସମ୍ପର୍କରେ ତିହିଡ଼ି ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ବସନ୍ତ କୁମାର ସାହାଣୀଙ୍କୁ ପଚାରିବାରୁ ପ୍ରଶାସନିକ ତଦନ୍ତ କରାଯିବା ସହ ପୋଲିସକୁ ମଧ ତଦନ୍ତ ପାଇଁ ଲିଖିତ ଅନୁରୋଧ କରାଯାଇଥିବା କହିଛନ୍ତି।

## 'ଉଚିତ୍ ଜବାବ ଦେବେ ଭୋଟର'

**ବାଲେଶ୍ୱର ଅଫିସ, ୨୧।୨**

ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ସୋମବାର ୨୫ନଂ., ୨୮ନଂ. ଓ ୨୯ନଂ. ଜୋନରେ ଶକ୍ତି ପ୍ରଦର୍ଶନ କରିଛି ଭାଜପା। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବାଲେଶ୍ୱର ସଦର ବ୍ଲକ ଉକ୍ତ ଜୋନ୍‌ରେ ବାଲେଶ୍ୱର ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ଦତ୍ତ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରିଛନ୍ତି। ଅପରପକ୍ଷରେ ବରିଷ୍ଠ ନେତ୍ରୀ ତଥା ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନ ଓ ଜିନା ସାମଲ ପ୍ରଚାର ମଇଦାନରେ ଓହ୍ଲାଇ ଜିଲାପରିଷଦ ପ୍ରାର୍ଥୀ ଅନ୍ୟ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଛନ୍ତି। ପ୍ରଥମେ ରାଇସୁଆଁରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା ସହିତ ହଳଦୀପଦାରେ ଏକ ପଥପ୍ରାନ୍ତ ସଭାରେ ଯୋଗଦେଇ ସାଧାରଣ ଲୋକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ପରେ କସିପଦା, ଆଙ୍କୋ, ରାସଲପୁର ଓ ଶ୍ରୀରାମପୁରରେ ବିଶାଳ ବାଇକ ରାଲି ଯୋଗେ ଜନତାଙ୍କ ଆଶୀର୍ବାଦ ଲୋଡିଛନ୍ତି। ସେହିପରି ସନ୍ଧ୍ୟାରେ ସିନ୍ଧିଆ ଓ ବାହାବଳପୁରରେ ମଧ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି। ସରକାରୀ କଳ ବଳ ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ହାତେଇବାକୁ ଶାସକ ବିଜେଡି ଅପପ୍ରୟାସ ଜାରି ରଖିଛି



ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ସିନେ ଅଭିନେତ୍ରୀ ପ୍ରଚାର କରୁଛନ୍ତି ।

ଓ ଚଳିତ ପଞ୍ଚାୟତ ନିର୍ବାଚନରେ ଜନତା ଏହାର ଉଚିତ୍ ଜବାବ ଦେବେ ବୋଲି ଏମ୍‌ପି ଷଡଙ୍ଗୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ୨୯ନଂ.ଜିଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ନାୟକ, ୨୫ନଂ. ଜିଲା ପରିଷଦ ପ୍ରାର୍ଥୀ ଗୟାଧର ବେହେରା, ୨୮ନଂ. ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ, ରାଇସୁଆଁ ସରପଞ୍ଚ ପ୍ରାର୍ଥୀ ରାକେଶ କୁମାର ଜେନାଙ୍କ ସମେତ ସମସ୍ତ ସମିତିସଭ୍ୟ, ସରପଞ୍ଚ, ୱାର୍ଡ଼ମେମ୍ବର ପ୍ରାର୍ଥୀଙ୍କ ସମେତ ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ମଣ୍ଡଳ ସଭାପତି ତପନ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ବିକାଶଧାରା ବଜାୟ ରଖିବାକୁ ନିବେଦନ : ପ୍ରତାପ ଦେବ



ବିଜେଡି ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ ଓ ଅନ୍ୟ ନେତାଙ୍କ ପ୍ରଚାର।

### ପ୍ରଚାର ମଇଦାନରେ ହେଭିୱେଟ୍

**ବାଲେଶ୍ୱର ଅଫିସ, ୨୧।୨**

ବାଲେଶ୍ୱର ଜିଲା ସଦର ଓ ରେମୁଣା ବ୍ଲକରେ ଆସନ୍ତା ୨୪ ତାରିଖରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ୨୫ ନଂ. ଜୋନ, ୨୬ ଏବଂ ୨୯ ନଂ. ଜୋନରେ ପ୍ରଚାର ନିମନ୍ତେ ବିଜେଡିର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା ଏବଂ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଜୋରଦାର ପ୍ରଚାର କରିଛନ୍ତି। ବିଶାଳ ବାଇକ ରାଲି ସହ ପଥପ୍ରାନ୍ତ ସଭା ଓଡ଼ଙ୍ଗୀ, ଓଲଣ୍ଡା ସାରଗାଁ, ସିନ୍ଧିଆ, ଗୋପୀନାଥପୁର, ପରୀକ୍ଷି, ଦୁବଲାଗଡି, ବାହ୍ମଲପୁର, ଛାନୁଆ, ପଞ୍ଚୁପଡ଼ା, ଆଲୁମେଦା ଏବଂ କଷାଫଳ ପଞ୍ଚାୟତରେ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାକୁ ବଜାଇ ରଖିବା ପାଇଁ ଭୋଟ ଦେବା ପାଇଁ ସେ ନିବେଦନ କରିବା ସହ ଜନକଲ୍ୟାଣକାରୀ ଯୋଜନାଗୁଡିକ ଦ୍ୱାରା ସାଧାରଣ ଲୋକ କିଭଳି ଭାବେ ଉପକୃତ ହେଉଛନ୍ତି ତାହା ପ୍ରକାଶ କରିଥିଲେ। ବିଜେଡିର ୨୫ ନଂ. ଜୋନର ଜିଲା ପରିଷଦ ପ୍ରାର୍ଥୀ ସଞ୍ଜୟ ଦାସ, ୨୬ ନଂ. ଜୋନର ଜିଲା ପରିଷଦ ପ୍ରାର୍ଥୀ ସୋନାଲି ବିଶ୍ୱାଳ, ୨୯ ନଂ. ଜୋନର ଜିଲା ପରିଷଦ ପ୍ରାର୍ଥୀ ନାରାୟଣ ପ୍ରଧାନଙ୍କ ସମେତ ସମସ୍ତ ପଞ୍ଚାୟତର ବିଜେଡି ସମର୍ଥିତ ସମସ୍ତ ସରପଞ୍ଚ ପ୍ରାର୍ଥୀ, ସମିତିସଭ୍ୟ ପ୍ରାର୍ଥୀ ଏବଂ ସମସ୍ତ ୱାର୍ଡ଼ମେମ୍ବର ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ରଞ୍ଜନ ବାଗ, ରଞ୍ଜନ ପ୍ରଧାନ, ରଘୁନାଥ ଲେଙ୍କା, ସୁବୋଧ ମହାନ୍ତି, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି, ଯୁବନେତା ଶକ୍ତିପଦ ରାୟ, ରମେଶ ଜେନା, ପ୍ରସନ୍ନ ଜେନା, ହରିଶ ପ୍ରଧାନ, ସୁନୀଲ ସେଠୀ, ବିକାଶ ଦାସ, ସୁଜିତ କୁମାର ପଣ୍ଡା, ଗଣେଶ ପ୍ରଧାନ, ଦିଲୀପ ଜେନା ଓ ଗୌରବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ଧରିତ୍ରୀ
DHARITRI
ମଙ୍ଗଳବାର, ୨୨ ଫେବୃୟାରୀ, ୨୦୨୨

**ମାତୃଭାଷା ଦିବସ ପାଳିଲେ**
କେନ୍ଦୁଝର (ସ୍ୱ.ପ୍ର.): କେନ୍ଦୁଝରଗଡ଼ ସ୍ଥିତ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଇଂ ହରମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥିଭାବେ ମଧୁସୂଦନ ନାୟକ, ମୁଖ୍ୟବକ୍ତା ଭାବରେ ସୁନିଲ ରଥ, ବିଦ୍ୟାଳୟ ପରିଚାଳନା ସମିତିର ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହେରା ପ୍ରମୁଖ ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



## ସଂକ୍ଷେପରେ

### ନକଲି, ଦେଶୀ ମଦ ଜବତ, ୨ ଗିରଫ

**ସଜନାଗଡ଼, ୨୧।୨(ଡି.ଏନ.ଏ.):** ବାଲେଶ୍ୱର ଅବକାରୀ ଏସ୍‌ପିଙ୍କ ନେତୃତ୍ୱରେ ନୀଳଗିରି ସଜନାଗଡ଼ସ୍ଥିତ ଏକ ହୋଟେଲରୁ ନକଲି ବିଦେଶୀ ମଦ ଓ ଗାଙ୍ଗପୁରାରୁ ଦେଶୀ ମଦ ଜବତ କରାଯାଇଛି। ପୃଥକ ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ନୀଳଗିରି ନିର୍ବାଚନମଣ୍ଡଳୀରେ ପଞ୍ଚାୟତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ପାଇଁ ପ୍ରଶାସନ ଅଣ୍ଟା ଭିଡ଼ିଛି। ଏହି ଅବାଧ ନିର୍ବାଚନ ପାଇଁ ଆୟୋଗ ୩ଦିନ ପୂର୍ବରୁ ଉକ୍ତ ଅଞ୍ଚଳରେ ସମସ୍ତ ମଦ ଦୋକାନକୁ ବନ୍ଦ କରିଛି। ଏପରିସ୍ଥଳେ ନୀଳଗିରି ସଜନାଗଡ଼ ବଜାରରେ ଥିବା ତାରିଣୀ ଢ଼ାବା ଏବଂ ଗାଙ୍ଗପୁରା ଅଞ୍ଚଳରେ ବାଲେଶ୍ୱର ଅବକାରୀ ସ୍ୱାଡ୍ ଏବଂ ନୀଳଗିରି ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ କରାଯାଇ ବିପୁଳ ପରିମାଣରେ ନକଲି ବିଦେଶୀ ମଦ ସହ ଦେଶୀ ମଦ ଜବତ କରାଯାଇଛି। ଗିରଫଦ୍ୱୟ ହେଲେ ରତିକାନ୍ତ ସାହୁ ଓ ଭାଗିରଥି ମଲିକ। ଚଢ଼ାଉରେ ବାଲେଶ୍ୱର ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ ପାଢ଼ୀ, ନୀଳଗିରି ଅବକାରୀ ଇନ୍ସପେକ୍ଟର ନାରାୟଣ ବେହେରା, ଓଆଇସି ଲକ୍ଷସାଧବ ପ୍ରଧାନଙ୍କ ସହ ସୋର, ଖଇରା ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ।

### ମହିଳାଙ୍କ ସମେତ ୨ ମଦ ବେପାରୀ ଗିରଫ

**ରାଇରଙ୍ଗପୁର, ୨୧।୨ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅବକାରୀ ପୋଲିସ ପକ୍ଷରୁ ସୋମବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଛି। ୩୩ ଲିଟର ଦେଶୀ ମଦ ଜବତ ସହ ଜଣେ ମହିଳାଙ୍କ ସମେତ ୨ ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ବେପାରୀ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ଆହାରବନ୍ଧ ଗ୍ରାମର ସନ୍ତୋଷ ସିଂହ ଏବଂ କାଶିଆବେଡା ଗ୍ରାମର ଚନ୍ଦ୍ରିକା ନାଏକ। ଅବକାରୀ ପୋଲିସ ପକ୍ଷରୁ ଏନେଇ ୨ଟି ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଇରଙ୍ଗପୁର ଅବକାରୀ ସର୍କଲ ପୋଲିସ ଇନ୍ସପେକ୍ଟର ଧୀରେନ ବେହେରାଙ୍କ ନେତୃତ୍ୱରେ ରାଇରଙ୍ଗପୁର ଏବଂ ବହଳଦା ଅବକାରୀ ଅଧିକାରୀଙ୍କ ସମେତ ବିଭିନ୍ନ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

### ଟ୍ରାନ୍ସଫର୍ମର ଖୋଲି ଯନ୍ତ୍ରାଂଶ ଚୋରି

**ଚମ୍ପୁଆ, ୨୧।୨(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ଏନ୍ଏସି ୧ ନଂ ୱାର୍ଡ ଗୋଧୂଳି ଗ୍ରାମରେ ରବିବାର ପମ୍ପ୍ ହାଉସ୍ ନିକଟରେ ଥିବା ଟ୍ରାନ୍ସଫର୍ମର ଖୋଲି ଉକ୍ତ ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି ହୋଇଯାଇଛି। ସୂଚନା ଅନୁସାରେ ଗ୍ରାମର କେତେକ ଲୋକ ସକାଳୁ ନଦୀକୁ ଗାଧୋଇ ଯିବା ବେଳେ ଟ୍ରାନ୍ସଫର୍ମରଟି ତଳେ ପଡିଥିବା ଦେଖିବାକୁ ପାଇଥିଲେ। ଟ୍ରାନ୍ସଫର୍ମର ପାଖକୁ ଯାଇ ଦେଖିବା ବେଳେ ଟ୍ରାନ୍ସଫର୍ମର ଭିତରେ ଯନ୍ତ୍ରାଂଶ ନ ଥିଲା। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗୀୟ ଯନ୍ତ୍ରୀ ହୃଷୀକେଶ ମହାନ୍ତଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳକୁ ଲୋକ ପଠାଯାଇଥିବା ବେଳେ ତଦନ୍ତ ଜାରି ରହିଛି।

### ନକଲି ମଦ ଜବତ

**ଚମ୍ପୁଆ, ୨୧।୨(ଡି.ଏନ୍.ଏ.):** ଚମ୍ପୁଆ ଉପଖଣ୍ଡରେ ନକଲି ମଦ କାରବାର ବୃଦ୍ଧି ପାଇଛି। ସୋମବାର କରିଆ ହାଟଠାରେ ଥିବା ଏକ ହୋଟେଲ୍, ତାଙ୍କ ଘରୁ କେନ୍ଦୁଝର ଅବକାରୀ ବିଭାଗର ମୋବାଇଲ ଟିମ୍ ଓ ଚମ୍ପୁଆ ଆଇଆଇସି ଚନ୍ଦନ କୁମାର ମଣ୍ଡଳ ଚଢାଉ କରିଥିଲେ। ଚଢାଉରେ ୧୬.୫ ଲିଟର ବିଭିନ୍ନ ବ୍ରାଣ୍ଡ ଷ୍ଟାମ୍ପ ଥିବା ନକଲି ମଦ ଜବତ କରିବା ସହିତ ଲକ୍ଷ୍ମଣ କୁମାର ଜିତ୍‌ଙ୍କୁ ଗିରଫ କରାଯାଇଛି। ଚଢାଉରେ ଏସଆଇ ଦିଲ୍ଲୀପ କୁମାର ତାଣ୍ଡି, ଏଏସଆଇ ରବୀନ୍ଦ୍ର କୁମାର ମୁର୍ମୁ ପ୍ରମୁଖ ସାମିଲ ଥିଲେ।

# ଟାଟା କମ୍ପାନୀ ବସ୍ ୩ଘଣ୍ଟା ଅଟକ

**ବାଲିଆପାଳ, ୨୧।୨(ସ୍ୱ.ପ୍ର)**



ବସ୍ ଅଟକ ପରେ ଆଲୋଚନା କରାଯାଉଛି।

ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ବନ୍ଦରକୁ ରେଳଲାଇନ୍ ସଂଯୋଗୀକରଣରେ ଜମି ହରାଇଥିବା ପରିବାରର ୩୩ ଯୁବତୀଯୁବକମାନଙ୍କୁ ଟାଟା କମ୍ପାନୀ ପ୍ରଶିକ୍ଷଣ ପାଇଁ ଏକ ବସ୍ ଯୋଗେ ସୋମବାର ବାଲିଆପାଳରୁ ଜାମସେଦପୁର ନେଉଥିବା ବେଳେ ସ୍ଥାନୀୟ ଅଞ୍ଚଳ କେତେଜଣ ଯୁବକ ବସ୍‌କୁ ପାରୁଲିଆ ଛକଠାରେ ୩ଘଣ୍ଟା ଧରି ଅଟକାଇଥିଲେ। ଉତ୍ତର ଓଡ଼ିଶା ଜନମଞ୍ଚର ସଭାପତିଙ୍କ ହସ୍ତକ୍ଷେପ ପରେ ବସ୍ ଜାମସେଦପୁର ଅଭିମୁଖେ ଯାତ୍ରା କରିଥିଲା। ଦକ୍ଷିଣ ବାଲିଆପାଳରେ ସମୁଦ୍ର ଉପକୂଳରେ ପ୍ରସ୍ତାବିତ ବନ୍ଦର ସର୍ଭେ ଚାଲିଥିବା ବେଳେ ବନ୍ଦରକୁ ରେଳଲାଇନ ସଂଯୋଗ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ଶେଷହେବାକୁ ବସିଲାଣି। ପ୍ରଥମ ପର୍ଯ୍ୟାୟରେ ରେଳଲାଇନ୍ ପାଇଁ ଜମି ହରାଇଥିବା ପରିବାରର ଯୁବତୀଯୁବକମାନଙ୍କୁ ପ୍ରଶିକ୍ଷଣ ପାଇଁ ଟାଟା କମ୍ପାନୀ ପ୍ରବେଶିକା ପରୀକ୍ଷା କରାଇ ମନୋନୀତ କରିଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁଥିବାରୁ ବାଲିଆପାଳ ବ୍ଲକର ନିର୍ବାଚନ ଶେଷ ହେବା ପରେ ସୋମବାର ଟାଟା କମ୍ପାନୀ ମନୋନୀତ ୩ଯୁବତୀ ଓ ୩୦ଯୁବକଙ୍କୁ ଜାମସେଦ୍‌ପୁରଠାରେ ଥିବା ନିଜ କମ୍ପାନୀକୁ ପ୍ରଶିକ୍ଷଣ ପାଇଁ ପଠାଇବାକୁ ପ୍ରସ୍ତୁତି କରୁଥିଲେ। ବାଲିଆପାଳ ଅଞ୍ଚଳର ଅନ୍ୟ କେତେଜଣ ଯୁବତୀଯୁବକ ପ୍ରଥମେ ପ୍ରଶିକ୍ଷଣ ଦାବି କରି ବସ୍‌କୁ ଅଟକାଇଥିଲେ। ବାଲିଆପାଳ ପୋଲିସ ପହଞ୍ଚି ବସ୍ ଅଟକାଇଥିବା ଯୁବକଙ୍କୁ ବୁଝାଶୁଝା କରି ନିରାଶ ହୋଇଥିବା ବେଳ ଉତ୍ତରଓଡ଼ିଶା ଜନମଞ୍ଚ ସଭାପତି ବଳରାମ ସାହୁ ପହଞ୍ଚି ହସ୍ତକ୍ଷେପ ପରେ ବସ୍ ଜାମସେଦପୁର ଅଭିମୁଖେ ଯାତ୍ରା କରିଥିଲା। ଯାତ୍ରା ବେଳେ ସୁବର୍ଣ୍ଣରେଖା ବନ୍ଦର ପ୍ରଶାସନିକ ଅଧିକାରୀ ଏବଂ କମ୍ୟୁନିଟି ଏନ୍‌ଗେଜମେଣ୍ଟ ଦାୟିତ୍ୱରେ ଥିବା ଅଧିକାରୀ ପ୍ରମୋଦ କୁମାର, ସୁବର୍ଣ୍ଣରେଖା ବନ୍ଦର ଡ୍ରେଜିଂ ଦାୟିତ୍ୱରେ ଥିବା ଅଧିକାରୀ ଶ୍ୟାମତନୁ ଦତ୍ତ, ସୁବର୍ଣ୍ଣରେଖା ବନ୍ଦର ଡିଭିଜନାଲ ମୁଖ୍ୟ ଅମୀୟ ରଞ୍ଜନ ପାକଳ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପାଇଁ ଯାଉଥିବା ଯୁବତୀଯୁବକମାନଙ୍କୁ ଉତ୍ସାହିତ କରିଥିଲେ।

## ଭୋଟ ବାକ୍ସ ଜଗିବାକୁ ୱାଚ୍ ଟାୱାର

**କେନ୍ଦୁଝର, ୨୧।୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ହରିଚନ୍ଦନପୁର ବ୍ଲକରେ ନିର୍ବାଚନ ଗତ ୧୮ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ୨୫ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ତିନୋଟି ଜିଲା ପରିଷଦ ଜୋନ ତଥା ୩୨୧ ୱାର୍ଡ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ୧୦୩୭୮ ଭୋଟରଙ୍କ ମଧ୍ୟରୁ ୮୦୫୨୧ ଭୋଟର ମତ ସାବ୍ୟସ୍ତ କରିଥିବା ବେଳେ ଭୋଟଦାନ ହାର ୭୭.୫୧ ପ୍ରତିଶତ ରହିଛି। ଭୋଟ ଗ୍ରହଣ ପରେ ସମସ୍ତ ଭୋଟ ବାକ୍ସ ବ୍ଲକ ମୁଖ୍ୟାଳୟରେ ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଥମ ମହଲାରେ ପ୍ରସ୍ତୁତ କରାଯାଇଥିବା ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଷ୍ଟ୍ରଙ୍ଗ ରୁମ ବାହାରେ ଏକ ଧଳା ପରଦା ଟଣାଯାଇଛି। ଏହା ସତ୍ତ୍ୱେ ଷ୍ଟ୍ରଙ୍ଗ ରୁମର ସୁରକ୍ଷାକୁ ନେଇ ଭାଜପା ପକ୍ଷରୁ ସନ୍ଦେହ ବ୍ୟକ୍ତ କରି କଡ଼ା ନଜର ରଖିବା ପାଇଁ ନିଆରା ବ୍ୟବସ୍ଥା କରାଯାଇଛି। ଭାଜପା ପକ୍ଷରୁ ସ୍କୁଲ ପରିସର ବାହାରେ ପ୍ରାୟ ୨୦ ଫୁଟ ଉଚ୍ଚ ବାଉଁଶରେ ଏକ ୱାଚ ଟାୱାର ନିର୍ମାଣ କରାଯାଇଛି। ସେଠାରେ ୪/୫ ଜଣ କର୍ମୀ ଦିନ ରାତି ବସି ଷ୍ଟ୍ରଙ୍ଗ ରୁମ ଉପରେ ନଜର ରଖିଥିବା ବେଳେ ତଳେ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଟେଣ୍ଟ ମାରି ଜଗି ବସିଥିବା ଜଣାପଡ଼ିଛି। ହରିଚନ୍ଦନପୁର ବ୍ଲକ ଭାଜପା ସଂଯୋଜକ ସୁଶାନ୍ତ କୁମାର ମହାନ୍ତ କହିଛନ୍ତି ଯେ ଷ୍ଟ୍ରଙ୍ଗ ରୁମ ସମ୍ମୁଖରେ ଧଳା ପରଦା ଦିଆଯାଇଥିବାରୁ କୌଣସି ହେରଫେର ଆଶଙ୍କା କରି ବିଦ୍ୟାଳୟ ପରିସର ବାହାରେ ବାଉଁଶରେ ତିଆରି ଏକ ୱାଚ୍ ଟାୱାର ନିର୍ମାଣ କରାଯାଇଛି। ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା କହିଛନ୍ତି, ଉକ୍ତ ବ୍ଲକ ଅଞ୍ଚଳରେ ବ୍ୟାପକ ଅନିୟମିତତା ମଧ୍ୟରେ ଭୋଟ ଗ୍ରହଣ ହୋଇଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏଣୁ ଏଭଳି ବ୍ୟବସ୍ଥା ଗ୍ରହଣ କରି ଉକ୍ତ ଷ୍ଟ୍ରଙ୍ଗ ରୁମ ଉପରେ ନଜର ରଖାଯାଇଛି। ଭୋଟ ଗଣନା ଆସନ୍ତା ୨୬,୨୭ ଓ ୨୮ରେ ହେବ।

## ୨୩ରେ ବିଞ୍ଜିବାହାଳ ୧ନଂ. ବୁଥ୍‌ରେ ସାନି ମତଦାନ

**କେନ୍ଦୁଝର,୨୧।୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଝୁମ୍ପୁରା ବ୍ଲକରେ ୭୫ ପ୍ରତିଶତ, ଆନନ୍ଦପୁରରେ ୭୫ ପ୍ରତିଶତ ଓ ହାଟଡିହି ବ୍ଲକରେ ୭୪ ପ୍ରତିଶତ ମତଦାନ ହୋଇଛି। ଏହି ୩ ବ୍ଲକର ସମୁଦାୟ ୨୦୩୪ ଜଣ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ତଥା ୱାର୍ଡ ମେମ୍ବର ପ୍ରାର୍ଥୀଙ୍କର ଭାଗ୍ୟ ଭୋଟବାକ୍ସ ମଧ୍ୟରେ ସିଲ୍ ହୋଇଛି। ଝୁମ୍ପୁରା ବ୍ଲକ ନାରଦପୁର ଗ୍ରାମପଞ୍ଚାୟତ ବଳଭଦ୍ରପୁର ବୁଥ୍‌ନଂ. ୬, ୭, ୮ରେ ସ୍ଥାନୀୟ ସମସ୍ୟାକୁ ନେଇ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି। ଆନନ୍ଦପୁର ବ୍ଲକର ୪୦୭ ୱାର୍ଡ ମେମ୍ବର, ୬୫ ସରପଞ୍ଚ, ୪୬ସମିତି ସଦସ୍ୟ, ୧୦ ଜିଲା ପରିଷଦ ସଦସ୍ୟ, ହାଟଡିହି ବ୍ଲକର ୭୬୧ୱାର୍ଡ ସଭ୍ୟ,୧୨୫ ସରପଞ୍ଚ,୧୨୫ ସମିତି ସଦସ୍ୟ, ୧୩ ଜିଲା ପରିଷଦ ସଦସ୍ୟ, ଝୁମ୍ପୁରା ବ୍ଲକରେ ୩୧୮ ୱାର୍ଡ ସଭ୍ୟ, ୮୨ସରପଞ୍ଚ, ୭୨ ସମିତି ସଦସ୍ୟ ଓ ୧୦ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହୋଇଛି। ହାଟଡିହି ବ୍ଲକ ନନ୍ଦିପଦା ଥାନା ମନୋହରପୁର ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଖବର ମିଳିଛି। ହାଟଡିହି ବ୍ଲକର ୧୩ ନମ୍ବର ୱାର୍ଡରେ ସରପଞ୍ଚ ପ୍ରାର୍ଥୀଙ୍କ ବାଲଟ ପେପର ଫୋଲ୍ଡିଂରେ ତ୍ରୁଟି ପରିଲକ୍ଷିତ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ସ୍ଥାନରେ ପୁନଃ ଭୋଟ ଦାନ ପାଇଁ ଦାବି ହୋଇଛି।

ସେହିପରି ତେଲକୋଇ ବ୍ଲକ ବିଞ୍ଜିବାହାଳ ପଞ୍ଚାୟତର ୧ନଂ. ୱାର୍ଡରେ ଆସନ୍ତା ୨୩ ତାରିଖ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପୁନଃ ଭୋଟ ଗ୍ରହଣ ହେବ। ଗତ ୧୮ ତାରିଖରେ ଏଠାରେ ଭୋଟ ଚାଲିଥିବା ବେଳେ ବାଲଟ ପେପର ଫୋଲ୍ଡିଂରେ ତ୍ରୁଟି ଯୋଗୁ ବିବାଦ ଦେଖାଦେଇଥିଲା। ଏଠାରେ ସାନି ଭୋଟ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ସ୍ମରଣିକା ଉନ୍ମୋଚିତ

**ପାଟଣା,୨୧।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ସ୍ୱାମଶାସନ ପାଲା ମଣ୍ଡପରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଶିକ୍ଷାବିତ ପ୍ରହ୍ଲାଦ ଦାଶଙ୍କ ଏକାଦଶାହ ଅବସରରେ ଗୁରୁବାର ସ୍ମୃତିସଭା ସହ ଏକ ସ୍ମରଣିକା ଉନ୍ମୋଚିତ ହୋଇଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ ସ୍ମରଣିକା ଉନ୍ମୋଚନ କରିବା ସ୍ୱର୍ଗତ ଦାଶଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ଅଜିତ କୁମାର ଦାଶ ସଭାକାର୍ଯ୍ୟକୁ ସଂଯୋଜନା କରିଥିବା ବେଳେ ପାଟଣା ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଦ୍ୟାଧର ଦାଶ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବାର ଆସୋସିଏସନର ପୂର୍ବତନ ସଭାପତି ଚତୁର୍ଭୁଜ ହୋତା, କବି କୁମୁଦିନୀ ମିଶ୍ର, ବିଶିଷ୍ଟ ପାଲା ଗାୟକ ରଜନୀକାନ୍ତ ପୃଷ୍ଟି, ସ୍ମରଣିକାର ସମ୍ପାଦିକା ଶ୍ରଦ୍ଧାଞ୍ଜଳି ଦାଶ, ବଳଭଦ୍ର କର, ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ଦାଶ, ଡ.ସତ୍ୟଜିତ ଦାଶ, ଜଗଦୀଶ ମିଶ୍ର, ପ୍ରହ୍ଲାଦଙ୍କ ବଡ଼ପୁଅ ମନୋଜ, ବିଜନ, ରାଜନ ଓ ଅନୁପ ପ୍ରମୁଖ ଉପସ୍ଥିତ ଥିଲେ।

## ୨ଭାଜପା ନେତାଙ୍କୁ ଉଠାଇନେଲା ପୋଲିସ

**ପାଟଣା,୨୧।୨(ସ୍ୱ. ପ୍ର.)**

### ଥାନା ପରିସରରେ ଉତ୍ତେଜନା

କେନ୍ଦୁଝର ଜିଲା ପାଟଣା ବ୍ଲକରେ ମଙ୍ଗଳବାର ପଞ୍ଚାୟତ ନିର୍ବାଚନ। ୨୨ନମ୍ବର ଜିଲା ପରିଷଦ ଜୋନ ଅନ୍ତର୍ଗତ କେନ୍ଦେଇପଶି ନିକଟରୁ ସୋମବାର ପୂର୍ବାହ୍ନରେ ୨ଭାଜପା ନେତାଙ୍କୁ ପାଟଣା ପୋଲିସର ମୋବାଇଲ ଟିମ ଉଠାଇ ନେଇଥିଲା। ଏହାକୁ ନେଇ ଥାନା ପରିସରରେ ଉତ୍ତେଜନା ଦେଖାଦେଇଛି। ଜିଲା ଭାଜପାର ବହୁ ବରିଷ୍ଠ ନେତା ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ୫ ଘଣ୍ଟା ଧରି ଏଭଳି ଉତ୍ତେଜନା ଲାଗି ରହିଥିଲା। ଥାନାଧିକାରୀ ଇଲେକ୍ସନ ଡ୍ୟୁଟିରୁ ଫେରି ଭାଜପା ନେତାଙ୍କ ସହ ଆଲୋଚନା କରିବାପରେ ଉଭୟ ନେତାଙ୍କୁ ଛାଡ଼ି ଦିଆଯାଇଛି। ପ୍ରକାଶ ଯେ, ୨ ଭାଜପା ନେତା ତଥା ଜିଲା ଓବିସି ମୋର୍ଚ୍ଚା ଉପସଭାପତି ମିତ୍ରଭାନୁ ମହାନ୍ତ ଓ ପୂର୍ବତନ କେନ୍ଦେଇପଶି ମଣ୍ଡଳ ସାଧାରଣ ସମ୍ପାଦକ ପ୍ରିୟ ରଞ୍ଜନ ସିଂଙ୍କୁ ପୋଲିସ ଉଠାଇ ନେଇଥିଲା। ଏହି ଖବରପାଇ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ତଥା ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ସମ୍ପାଦକ ବିଜୟ ଲକ୍ଷ୍ମୀ ପାତ୍ର ପ୍ରମୁଖ ଥାନାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ପାଟଣା ଥାନାଧିକାରୀ ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି, ୨ ଭାଜପା ନେତା ଟଙ୍କା ବାଣ୍ଟୁ ଥିବାର ଅଭିଯୋଗ ଆସିବା ପରେ ପୋଲିସ ମୋବାଇଲ ଟିମ୍ ସେମାନଙ୍କୁ ଆଣି ଥାନାରେ ରଖିଥିଲା। ଭେରିଫିକେଶନ ପରେ ଦୁହିଁଙ୍କୁ ଛାଡି ଦିଆଯାଇଛି।

## ୪୪ ଫୁଟର ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି ଲୋକାର୍ପିତ

**କେନ୍ଦୁଝର, ୨୧।୨ (ସ୍ୱ.ପ୍ର./ଡି.ଏନ.ଏ.)**



କେନ୍ଦୁଝର ନରଣପୁର ପଞ୍ଚାୟତର ଘଡ଼ଘଡ଼ି ପାହାଡ଼ ଉପରେ ପ୍ରାକୃତିକ ମନୋରମ ପରିବେଶ ମଧ୍ୟରେ ଅବସ୍ଥିତ ସ୍ୱୟମ୍ଭୁ ଶିବଶମ୍ଭୁ ବାବା କପିଳେଶ୍ୱର ମନ୍ଦିର ପରିସରରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ବିଗ୍ରହ ଯଥାରୀତି ପୂଜାର୍ଚ୍ଚନା ଅନୁଯାୟୀ ପ୍ରତିଷ୍ଠା କରାଯାଇଛି। ଏଥିରେ ବିଜୟ କୁମାର ମହାନ୍ତି ଓ ତାଙ୍କ ସ୍ତ୍ରୀ ସବିତା କର୍ତ୍ତା ହୋଇ କରୋନା ନିର୍ଦ୍ଦେଶାବଳୀ ପାଳନ ପୂର୍ବକ ନିକଟସ୍ଥ ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ଆଣି ମନ୍ଦିରରେ ପହଞ୍ଚିଥିଲେ। ଏହାପରେ ପୂଜକ ମାନଙ୍କ ଦ୍ୱାରା ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ନିର୍ମିତ ଅର୍ଦ୍ଧନାରୀଶ୍ୱରଙ୍କ ପ୍ରତିମୂର୍ତ୍ତି ସୋମବାର ବୈଦିକ ରୀତିନୀତି ଅନୁଯାୟୀ ନିରଞ୍ଜନ ବେହେରା ଓ ତାଙ୍କ ସ୍ତ୍ରୀ କର୍ତ୍ତା ହୋଇ ପ୍ରତିଷ୍ଠା କରିଥିଲେ। ୪୪ଫୁଟ ବିଶିଷ୍ଟ ଏହି ମୂର୍ତ୍ତି ପଥର ଚଟାଣ ଉପରେ ନିର୍ମାଣ କରିବା ପାଇଁ ବର୍ଷେ ସାତ ମାସ ସମୟ ଲାଗିଛି। ଶ୍ରୀ ଗଣେଶଙ୍କ ମନ୍ଦିର ବିଗ୍ରହ ପ୍ରତିଷ୍ଠା ପରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। କମିଟିର ସଭାପତି ଭାଗବତ ନାଏକ, ଉପ ସଭାପତି ଗୌର ଚନ୍ଦ୍ର ନାଏକ, ସମ୍ପାଦକ ଲାକ୍ଷ୍ମୀଧର ଯେନା, ରଞ୍ଜନ କୁମାର ସାହୁ, ନିରଞ୍ଜନ ବେହେରା, ଈଶ୍ୱର ଚନ୍ଦ୍ର ନାଏକ, ନାଲୁ ନାଏକ, ନରନାଥ ନାଏକ ଓ ସତ୍ୟଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଶ୍ୱ ମାତୃଭାଷା ଦିବସ

**ଜଳେଶ୍ୱର, ୨୧।୨(ଡି.ଏନ.ଏ.)**

ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲାର ଜଳେଶ୍ୱର ଶାଖା ପକ୍ଷରୁ ଭଞ୍ଜଶ୍ରୀ ଭବନଠାରେ ବିଶ୍ୱ ମାତୃଭାଷା ଦିବସ ସଙ୍ଗଠନ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କେନ୍ଦ୍ରୀୟ କମିଟି ସମ୍ପାଦକ କମଳ ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରମାକାନ୍ତ ଭଞ୍ଜ, ଜିତାରାମ ଦେ, ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ, ଅରୁଣ ବେଜ, ଅଶୋକ ଦାସ, ଡ. ଅଜିତ୍ ମହାନ୍ତି, ଶରତ ଚନ୍ଦ୍ର ପରିଡ଼ା, କପିଳେଶ୍ୱର ମହାନ୍ତି, ହେମନ୍ତ ଗିରି, ଭାସ୍କର ଚନ୍ଦ୍ର ମିଶ୍ର ଓ ଟଙ୍କଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସରକାର ସୀମାନ୍ତ ଅଞ୍ଚଳରେ ମାତୃଭାଷା ଓ ସୀମା ସୁରକ୍ଷା ଲାଗି ପଦକ୍ଷେପ ନେବା, ପ୍ରତ୍ୟେକ ବିଦ୍ୟାଳୟରେ ଖାଲିଥିବା ଓଡିଆ ଶିକ୍ଷକ ନିଯୁକ୍ତି କରିବା, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବିଜ୍ଞାପନ ଫଳକ ମାତୃଭାଷାରେ ଲେଖାଯିବାକୁ ସଚେତନ କରାଇଥିଲେ। ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ଦାସ ମଞ୍ଚ ଆହ୍ୱାନ କରିଥିଲେ।

## ୧୩ ନଂ. ଜୋନ୍‌ରେ ଅଭିନେତ୍ରୀ ବର୍ଷାଙ୍କ ପ୍ରଚାର

**ଧାମନଗର, ୨୧।୨**


ବର୍ଷା ପ୍ରିୟଦର୍ଶିନୀ ପ୍ରଚାର କରୁଛନ୍ତି।

ଭଦ୍ରକ ଜିଲା ଧାମନଗର ବ୍ଲକରେ ଆସନ୍ତା ୨୪ ତାରିଖରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାରରେ ଲାଗିପଡ଼ିଛନ୍ତି। ନିଜ ସପକ୍ଷରେ ଭୋଟ୍ ପାଇଁ ଭୋଟରମାନଙ୍କୁ ମନାଇବା ପାଇଁ ପ୍ରୟାସ ଚଳାଇଛନ୍ତି। ତେବେ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର ଜୋରଦାର ଚାଲିଥିବା ବେଳେ ଏଥିରେ ସାମିଲ ହୋଇଛନ୍ତି ଷ୍ଟାର ପ୍ରଚାରକ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ। ସୋମବାର ୧୩ ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ପ୍ରଦୀପ ମଲ୍ଲିକ୍, ଜୋନ୍ ଅଧୀନ ସମସ୍ତ ପଞ୍ଚାୟତର ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କ ପାଇଁ ଧୂଷୁରୀଠାରେ ଏକ ରାଲିରେ ସେ ସାମିଲ ହୋଇ ଭୋଟ୍ ଭିକ୍ଷା କରିଥିଲେ। ରଇପୁର ପଞ୍ଚାୟତର ସମିତିସଭ୍ୟା ପ୍ରାର୍ଥୀ ଶର୍ମିଷ୍ଠା ବେହେରା, ବିଜେଡିର ଜିଲା, ବ୍ଲକ ସଭାନେତ୍ରୀଙ୍କ ସହ ଅନ୍ୟ ନେତୃମଣ୍ଡଳୀ ଏଥିରେ ସାମିଲ ଥିଲେ।

## ନିଖୋଜ ନାବାଳିକାଙ୍କ ପତ୍ତା ମିଳୁନି

**କେନ୍ଦୁଝର,୨୧।୨(ସ୍ୱ.ପ୍ର.)**

କେନ୍ଦୁଝର ସଦର ଥାନା ଆହାରପଶି ଗ୍ରାମର ଜଣେ ନାବାଳିକା ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଅଞ୍ଚଳର ଏକ ଦମ୍ପତି ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ଅଜା ମାର୍ଶା ବେଣ୍ଟକାର ସଦର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୭୩/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ମା' ଓ ବାପାଙ୍କୁ ହରାଇଥିବା ଉକ୍ତ ନାବାଳିକାଙ୍କୁ ୨୦୧୩ରେ ଗ୍ରାମବାସୀ ଶିଶୁ ହେଲ୍ପଲାଇନ୍‌କୁ ହସ୍ତାନ୍ତର କରିଥିଲେ। ସେ ଶିଶୁ ସୁରକ୍ଷା କମିଟି ତତ୍ତ୍ୱାବଧାନରେ ଆଶ୍ରମ ସ୍କୁଲ ହଷ୍ଟେଲରେ ରହି ପଢୁଥିଲେ। ଗତ ଜାନୁୟାରୀରେ ଶିଶୁ ହେଲ୍ପ ଲାଇନର ସଦସ୍ୟ ଆସି ନାବାଳିକାଙ୍କୁ ତାଙ୍କ ଅଜାଙ୍କୁ ହସ୍ତାନ୍ତର କରି ସ୍କୁଲ ଖୋଲିଲେ ଆସି ନେଇଯିବେ ବୋଲି କହିଥିଲେ। ୪ ଦିନ ପରେ ନାବାଳିକାଙ୍କୁ ତାଙ୍କ ମାମୁ ତୋଫାନୀ ବେଣ୍ଟକାର ସରାଶକୋଲା ଗ୍ରାମକୁ ନେଇଯାଇଥିଲେ। ଉକ୍ତ ଦମ୍ପତି ସେଠାକୁ ଯାଇ ଶିଶୁ ହେଲ୍ପ ଲାଇନରୁ ଫୋନ ଆସିଛି ଆମେ ତାକୁ ହଷ୍ଟେଲରେ ଛାଡ଼ିଦେବୁ କହି ନାବାଳିକାଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଚାଇଲ୍ଡ ହେଲ୍ପ ଲାଇନର ସଦସ୍ୟମାନେ ଅଜା ମାର୍ଶାଙ୍କ ଘରକୁ ନାବାଳିକାଙ୍କୁ ନେବାକୁ ଆସିଥିଲେ। ନାବାଳିକାଙ୍କୁ ସେହି ଦମ୍ପତି ସ୍କୁଲରେ ଛାଡ଼ିଦେଇଥିବା ମାର୍ଶା କହିଥିଲେ। ତେବେ ଆମ ପାଖରେ ବର୍ଷା ପହଞ୍ଚିନାହିଁ ବୋଲି ଚାଇଲ୍ଡ ହେଲ୍ପ ଲାଇନ ସଦସ୍ୟାମାନେ କହିବାରୁ ମାର୍ଶା ଚିନ୍ତାରେ ପଡ଼ିଥିଲେ।

## ମତଦାନ ସରିଲା, ଉତ୍କଣ୍ଠା ବଢ଼ିଲା

**ଖଇରା, ୨୧।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୪ଟି ଜିଲା ପରିଷଦ ଜୋନ, ୩୭ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ପଦବୀ, ୫୧୭ ୱାର୍ଡସଭ୍ୟ ପଦବୀ ପାଇଁ ରବିବାର ଭୋଟଗ୍ରହଣ ଶେଷ ହୋଇଛି। ଆସନ୍ତା ୨୬ ତାରିଖରେ କୁପାରୀ ୩ ନଂ. ଜୋନରେ ଗଣତି, ୨୭ରେ ୪ନଂ. ଗଣତି ଓ ୨୮ରେ ୫ ଓ ୬ନଂ. ଗଣତି ଖଇରା କଲେଜରେ ପ୍ରସ୍ତୁତ ହୋଇଥିବା ଭୋଟ ଗଣନା କେନ୍ଦ୍ରରେ କରାଯିବ ବୋଲି ବ୍ଲକସ୍ତରରୁ ସୂଚନା ଦିଆଯାଇଛି। ଖଇରା ବିଡିଓ ପର୍ଶୁରାମ ପଣ୍ଡାଙ୍କ ପକ୍ଷରୁ ବୁଧବାର ସର୍ବଦଳୀୟ ବୈଠକ ଡକାଯାଇଛି। ୨୧ତାରିଖଠାରୁ ବିଭିନ୍ନ ପ୍ରାର୍ଥୀଙ୍କ ସମର୍ଥକମାନେ ତାଙ୍କର ନେତାମାନଙ୍କର ବିଜୟ ସୁନିଶ୍ଚିତ ହେବା ନେଇ ଦାବି କରିଛନ୍ତି। ବିରୋଧୀ ଭାଜପା ସମର୍ଥନରେ ସରପଞ୍ଚ, ସମିତିସଭ୍ୟ ଭାବେ ଲଢୁଥିବା ପ୍ରାର୍ଥୀ ଓ ତାଙ୍କର ସମର୍ଥକମାନେ ହେରଫେର ଆଶଙ୍କା କରି ଖଇରା କଲେଜ ଷ୍ଟ୍ରଙ୍ଗରୁମ୍ ସମ୍ମୁଖରେ ଲଗାଯାଇଥିବା ଅସ୍ଥାୟୀ ଟେଣ୍ଟ ତଳେ ଦିନରାତି ଜଗି ରହିଛନ୍ତି। ଏଥିସହ ପ୍ରାର୍ଥୀମାନେ ଷ୍ଟ୍ରଙ୍ଗରୁମ ବାହାର ଯାତାୟାତ ସମ୍ପର୍କରେ ସର୍ବସାଧାରଣଙ୍କ ଅବଗତ ପାଇଁ ଏକ ଡିସ୍‌ପ୍ଲେ ବୋର୍ଡ ଲଗାଇବାକୁ ଦାବି କରିଛନ୍ତି।

## ଗୁଣ୍ଡାଗିରି ରୋକିବାକୁ ରାଜ୍ୟପାଳଙ୍କୁ ଦାବିପତ୍ର

### ହସ୍ତାକ୍ଷର ସଂଗ୍ରହ ଅଭିଯାନ

**ବାଲେଶ୍ୱର ଅଫିସ, ୨୧।୨**


ହସ୍ତାକ୍ଷର ସଂଗ୍ରହ ଅଭିଯାନରେ ଭାଜପା କର୍ମକର୍ତ୍ତା।

ବାଲେଶ୍ୱର ସହର ଫାଣ୍ଡିଛକରେ ସୋମବାର ସାଧାରଣ ଲୋକଙ୍କ ହସ୍ତାକ୍ଷର ସଂଗ୍ରହ ଅଭିଯାନ ସହ ବିଜେଡିର ଗୁଣ୍ଡାଗିରି ରୋକିବା ପାଇଁ ଭାଜପା ଓବିସି ମୋର୍ଚ୍ଚା ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡ଼ିର ଗୁଣ୍ଡାଗିରି ଚରମସୀମାରେ ପହଞ୍ଚିଛି। ପ୍ରତ୍ୟେକ ଦିନ ବିରୋଧୀ ଦଳର କର୍ମୀଙ୍କୁ ମାରଧର, ହିଂସାକାଣ୍ଡ, ଖବରଦାତା ଓ ପୋଲିସ ଉପରେ ଆକ୍ରମଣ, ବୁଥ୍ ଦଖଲ ଆଦି ଖବର ଆସୁଛି। ଏହାକୁ ତୁରନ୍ତ ବନ୍ଦ କରିବା ଓ ଦୋଷୀଙ୍କୁ କଠୋର ଦଣ୍ଡବିଧାନ କରିବା ପାଇଁ ଭାଜପା ଓବିସି ମୋର୍ଚ୍ଚା ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରରେ ସାଧାରଣ ଲୋକଙ୍କ ହସ୍ତାକ୍ଷର ସଂଗ୍ରହ ଅଭିଯାନ କରାଯାଇ ପଠାଯାଇଛି। ୩୦୦ରୁ ଊର୍ଦ୍ଧ୍ୱ ଲୋକ ଦାବିପତ୍ରରେ ହସ୍ତାକ୍ଷର କରି ଭାଜପାର ଦାବିକୁ ସମର୍ଥନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ପଣ୍ଡା, ସର୍ବେଶ୍ୱର ପାତ୍ର, ପ୍ରଦୀପ ବେହେରା, ଦେବବ୍ରତ ମିଶ୍ର, ରାଧାକୃଷ୍ଣ ଦାସ, ବିଜୟ ନାୟକ, ସୁଧାଂଶୁ ଶେଖର ନାୟକ, ରାଜକୁମାର ରଣା, ଜୟପ୍ରକାଶ ଦାସ, ଚନ୍ଦନ ସେନାପତି, ବିରେନ୍ଦ୍ର ଦାସ ଓ ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## 'ମୋ ଭୋଟ ହିଁ ମୋ ଭବିଷ୍ୟତ-ଗୋଟିଏ ଭୋଟର ଶକ୍ତି'

### ରାଷ୍ଟ୍ରୀୟ ମତଦାତା ସଚେତନତା ପ୍ରତିଯୋଗିତା

**ବାଲେଶ୍ୱର ଅଫିସ, ୨୧।୨**

ଦେଶରେ ପ୍ରଚଳିତ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହିତ ଏଥିରେ ମତଦାତାମାନଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା 'ମୋ ଭୋଟ ହିଁ ମୋ ଭବିଷ୍ୟତ-ଗୋଟିଏ ଭୋଟର ଶକ୍ତି' ବିଷୟ ଆଧାରିତ ରାଷ୍ଟ୍ରୀୟ ମତଦାତା ସଚେତନତା ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ଏଥିରେ ଅଧିକରୁ ଅଧିକ ଜିଲାବାସୀ ଭାଗନେବା ପାଇଁ ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ ସୋମବାର ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

ଦ୍ୱାଦଶ ରାଷ୍ଟ୍ରୀୟ ମତଦାତା ଦିବସ-୨୦୨୨ ପାଳନ ଅବସରରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ସମସ୍ତ ବୟସର ଲୋକଙ୍କ ପାଇଁ ଉପଲବ୍ଧ ଥିବା ବେଳେ ମାର୍ଚ୍ଚ ୧୫, ୨୦୨୨ ପର୍ଯ୍ୟନ୍ତ ଏହା ଖୋଲା ରହିବ। ୫ ବର୍ଗ ଯଥା- କୁଇଜ୍, ସ୍ଲୋଗାନ ପ୍ରସ୍ତୁତି, ଭିଡିଓ ପ୍ରସ୍ତୁତି, ଗୀତ ଗାଇବା ଏବଂ ପୋଷ୍ଟର ଡିଜାଇନ କରିବାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଆନୁଷ୍ଠାନିକ, ପେସାଦାର ଓ ଅନଭିଜ୍ଞ ଭଳି ତିନୋଟି ସ୍ତରରେ ହେଉଥିବା ଏହି ପ୍ରତିଯୋଗିତା ସମ୍ବନ୍ଧରେ ସବିଶେଷ ତଥ୍ୟ ଭାରତ ନିର୍ବାଚନ ଆୟୋଗଙ୍କ ୱେବସାଇଟ୍ https://ecisveep.nic.in/contest/ ତଥା voterawarenesscontest.in ମିଳିପାରିବ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରତିଯୋଗୀମାନେ ସବିଶେଷ ବିବରଣୀ ସହିତ ଆବେଦନଗୁଡ଼ିକୁ ଇ-ମେଲ ଆଇଡ଼ିରେ voter-contest@eci.gov.in ଇମେଲ୍ କରିବେ। ଏଥିସହିତ କେଉଁ ପ୍ରତିଯୋଗିତା ଏବଂ ବର୍ଗ ପାଇଁ ପ୍ରତିଯୋଗୀ ଆବେଦନ କରୁଛନ୍ତି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ। ସଙ୍ଗୀତ, ଭିଡ଼ିଓ ପ୍ରସ୍ତୁତି ଓ ପୋଷ୍ଟର ଡିଜାଇନକୁ ୩ଟି ଲେଖାଏଁ ବର୍ଗରେ ବର୍ଗୀକରଣ କରାଯାଇଛି ଓ ସେଥିନିମନ୍ତେ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରଖାଯାଇଛି। କୃତି ପ୍ରତିଯୋଗୀଙ୍କୁ ଆର୍ଥିକ ପୁରସ୍କାର ବ୍ୟବସ୍ଥା ରହିଛି। କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ଇସିଆଇର ପ୍ରତୀକ ସମ୍ବଳିତ ବ୍ୟାଜ୍ ପ୍ରଦାନ କରାଯିବାକୁ ଥିବା ବେଳେ ଏଥିରେ ହେବାକୁ ଥିବା ୩ ସ୍ତରୀୟ ସମସ୍ତ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଇ-ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏହି ପ୍ରତିଯୋଗିତାରେ ପ୍ରତିଯୋଗୀମାନେ ବିଶେଷ କରି ଆନୁଷ୍ଠାନିକ ବର୍ଗରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀମାନେ ଯେପରି ବହୁଳ ଭାବେ ଭାଗ ନିଅନ୍ତି ସେଥିପାଇଁ ରାଜ୍ୟ ସରକାରଙ୍କ ଗୃହ (ନିର୍ବାଚନ) ବିଭାଗ ତଥା ଜିଲା ପ୍ରଶାସନ ତରଫରୁ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଜିଲାର ସମସ୍ତ ଉପଖଣ୍ଡ, ବ୍ଲକ, ପୌର ପରିଷଦସ୍ତରୀୟ ନିର୍ବାଚନ ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

